# ପିଲାଙ୍କ ଧରିତ୍ରୀ

ଧରିତ୍ରୀ DHARITRI 50 Years



# ମୂଷିକରାଜଙ୍କ ବୁଦ୍ଧି




ଗଜାନନଙ୍କ ବାହନ ମୂଷିକ ଭାରି ବୁଦ୍ଧିଆ। ସବୁ ସମୟରେ ପ୍ରଭୁଙ୍କ ଗୁଣଗାନ କରେ। ଦଣ୍ଡେ ଛାଡ଼ି ପ୍ରଭୁଙ୍କୁ ରହି ପାରେନି। ଦିନେ ମୂଷିକର ବନ୍ଧୁ ଠେକୁଆ ତାକୁ ଗୋଟେ ଲିଚୁ ଫଳ ଉପହାର ଦେଇ କହିଲା, ବନ୍ଧୁ ମୁଁ ଗୋଟେ ନୂଆ ଫଳ ଆଣିଚି ତୁମ ପାଇଁ। ମୂଷିକ କହିଲା, ଆରେ ବାଃ ବହୁତ ସୁନ୍ଦର ଦିଶୁଛି ତ।

ଠେକୁଆ କହିଲା, ତା' ନା ଲିଚୁ, ଭାରି ସୁଆଦିଆ ଫଳ। ମୂଷା କହିଲା, ବନ୍ଧୁ ଏବେ ତ ମୋ ପେଟ ଭର୍ତ୍ତି ଅଛି ମୁଁ ନେଇ ଯାଉଛି ସୁବିଧା ଦେଖି ଖାଇଦେବି। ଠେକୁଆ କହିଲା, ଭାରି ମିଠା ଫଳ ହେଲେ ଏହାର ମଞ୍ଜିଟି ବଡ଼। ତୁମେ ଖାଇଲେ ନିଶ୍ଚିତ ମତେ ପୁଣି ଥରେ ଆଣିବା ପାଇଁ କହିବ। ହଉ ବନ୍ଧୁ ମୁଁ ଯାଉଛି ପରେ ଆସିଲେ କଥା ହେବା କହି ଠେକୁଆ ବିଦାୟ ନେଲା। ବନ୍ଧୁ ଦେଇଚି ଆଜି ଗୋଟେ ନୂଆ ପ୍ରକାରର ଫଳ, ମୂଷିକରାଜ ମନ ଆନନ୍ଦରେ ଲିଚୁଫଳ ଧରି ଧାଇଁଲା। ଭାବିଥିଲା ଖୋଲା ଫାଙ୍କା ଜାଗାରେ ବସି ମନ ଆନନ୍ଦରେ ବସି ଲିଚୁ ଖାଇବ। ହଠାତ୍ ଗଲାବେଳେ ଲିଚୁ ଫଳଟି କେଉଁଠି ପଡ଼ିଗଲା। ଏଣେତେଣେ ଖୁବ୍ ଖୋଜିଲା ପରେ ବି କେଉଁଠି ବି ମିଳିଲା ନାହିଁ। ଶେଷରେ ତା' ଲିଚୁକୁ ଗୋଟେ ଗୁଣ୍ଡୁଚିମୂଷା ଧରି ଥିବାର ଦେଖିଲା। ମୂଷା ପଚାରିଲା, ତୁମେ ଏ ଲିଚୁ କେମିତି ପାଇଲ! ଏଇଟା ତ ମୋର, ଟିକେ ପୂର୍ବରୁ ମୋ ହାତରୁ କେଉଁଠି ପଡ଼ିଯାଇଥିଲା। ଏଇ ଲିଚୁକୁ ମୋର ଜଣେ ବନ୍ଧୁ ମତେ ଦେଇଥିଲେ।

ଗୁଣ୍ଡୁଚି ମୂଷା କହିଲା, ଯିଏ ପାଇଲା ତା'ର। ତୁମକୁ କାହିଁକି ଦେବି ଯେ। ମୂଷା ବଡ଼ ଅଡ଼ୁଆରେ ପଡ଼ିଗଲା। ଭାବିଲା ବନ୍ଧୁ ଠେକୁଆ କେଡ଼େ ଶ୍ରଦ୍ଧାରେ ଏ ଫଳକୁ ମୋ ପାଇଁ ଆଣିଥିଲେ ଦେଖିଲା ବେଳକୁ ଏ ମହାଶୟଙ୍କ ହାତରେ ପଡ଼ିଗଲା। ପ୍ରଥମ ଥର ଗୋଟେ ନୂଆ ଫଳର ସ୍ୱାଦ ପାଇଥାନ୍ତି ହେଲେ ସବୁ ବୁଥାରେ ରହିଗଲା। ଉପାୟଶୂନ୍ୟ ହୋଇ ମୂଷା ନିଜ ପ୍ରଭୁଙ୍କୁ ସ୍ମରଣ କରି ସମସ୍ୟା ସମାଧାନ ନିମନ୍ତେ ପ୍ରାର୍ଥନା କଲା। ସଙ୍ଗେ ସଙ୍ଗେ ଗଜାନନ ଦୁହିଁଙ୍କ ସମ୍ମୁଖରେ ପ୍ରକଟ ହେଲେ। ମୂଷା ଭଲ ଭାବରେ ଜାଣିଥିଲା କି ପ୍ରଭୁ ଆସିଲେ ନିଶ୍ଚିତ ଯୁକ୍ତିଯୁକ୍ତ ବିଚାରଟିଏ କରିବେ। ଦୁହେଁ ସେହି ଗୋଟିଏ ଲିଚୁ ନେବାକୁ ଅଡି ବସିଲେ। ମୂଷା କହିଲା, ପ୍ରଭୁ ଏଇ ଲିଚୁକୁ ମୋ ବନ୍ଧୁ ମତେ ଉପହାର ଦେଇଥିଲେ। ଗୁଣ୍ଡୁଚି କହିଲା, ପ୍ରଭୁ ମୁଁ ବାଟରେ ଆସିଲା ବେଳେ ପାଇଲି। ମୁଁ କେମିତି ତାକୁ ଦେଇଦେବି! ତାଙ୍କ ପାଖରେ କ'ଣ ପ୍ରମାଣ ଅଛି ଏଇ ଫଳଟି ତାଙ୍କର ବୋଲି। ଗଜାନନ କହିଲେ, ତୁମେ ଦୁହେଁ ଚାହିଁଲେ ସବୁ ସମ୍ଭବ, ଏବେ ମତେ ଗୋଟିଏ ଫଳକୁ ଦୁଇ ଫାଳ କରିବାକୁ ହେବ। ମୂଷା ଜାଣିଥିଲା ଠେକୁଆ କହିଛି କି ଲିଚୁର ମଞ୍ଜି ବଡ଼। ଦି ଭାଗ ହେଇଗଲେ ଫଳ ଖାଇବାରେ ଆଉ ମଜା ନ ଥିବ। ମୂଷା ସଙ୍ଗେ ସଙ୍ଗେ ଯାଇ ଗୁଣ୍ଡୁଚି କାନରେ କହିଲା, ମୁଁ ମୋ ପ୍ରଭୁଙ୍କୁ କହିକି ଏ ଫଳ ବଦଳରେ ତୁମକୁ କିଛି ରାଶି ଆଉ ବୁନ୍ଦି ଲଡୁ ଦେଇଦେବି। ସେଗୁଡ଼ିକ ଏ ଫଳଠାରୁ ଆହୁରି ସୁଆଦିଆ। ଗୁଣ୍ଡୁଚି ରାଜି ହେବାରୁ ଗଜାନନଙ୍କୁ କହି ତା'ପାଇଁ ଲଡୁର ବ୍ୟବସ୍ଥା କରିଦେଲା। ଗୁଣ୍ଡୁଚିମୂଷା ଲଡୁ ପାଇ ମୂଷାକୁ ଲିଚୁ ଫଳ ଦେଇଦେଲା। ମୂଷା ମନେ ମନେ ଭାବୁଥାଏ କି ଏମିତିରେ ମୋ ପ୍ରଭୁ ତ ମତେ ସବୁ ସମୟରେ ଲଡୁ ଦେଉଛନ୍ତି। ପୁଣି କେତେବେଳେ ବି ଲଡୁ ତ ମାଗିନେବି। ଗଜାନନ ମୂଷାର ବୁଦ୍ଧିକୁ ପ୍ରଶଂସା କଲେ ଆଉ ତଥାସ୍ତୁ କହି ବିଦାୟ ନେଲେ।

**– ଦେବେନ୍ଦ୍ର କର**
ମଙ୍ଗଳାବାଗ, କଟକ
ମୋ: ୯୯୩୭୯୬୩୯୧୦



## ଖିଲି ଖିଲି ହସ

(ଶାଶୁ ବୋହୂ ମଧ୍ୟରେ କଥାବାର୍ତ୍ତା)
ଶାଶୁ: ତୋତେ ରୋଷେଇ କରି ଆସେନି ?
ବୋହୂ: ନା, ଆଦୌ ଆସେନି।
ଶାଶୁ : ତେବେ ଏକଥା ବାହାଘର ପୂର୍ବରୁ ଜଣାଇଲୁ ନାହିଁ କାହିଁକି ?
ବୋହୂ: କାରଣ ତାହା ଆପଣଙ୍କ ପାଇଁ ସରପ୍ରାଇଜ୍ ଥିଲା !

(ଦୁଇସାଙ୍ଗଙ୍କ ମଧ୍ୟରେ କଥାବାର୍ତ୍ତା)
ପ୍ରଥମ ସାଙ୍ଗ: ଜାଣିଲୁ ସାଙ୍ଗ, ଡାକ୍ତର କୁହନ୍ତି ଯିଏ ରାତିରେ ଜଲ୍ଦି ଶୋଇ ସକାଳୁ ଜଲ୍ଦି ଉଠନ୍ତି ତାଙ୍କ ଆୟୁଷ ବଢ଼େ।
ଦ୍ୱିତୀୟ ସାଙ୍ଗ: ଏସବୁ ମିଛ କଥା।
ପ୍ରଥମ ସାଙ୍ଗ: କାହିଁକି
ଦ୍ୱିତୀୟ ସାଙ୍ଗ: କାରଣ ସକାଳୁ ଜଲ୍ଦି କୁକୁଡ଼ା ଉଠେ, କିନ୍ତୁ ସନ୍ଧ୍ୟା ହେଲେ ତା' ଜୀବନ ନ ଥାଏ। ଏସବୁ ଭ୍ରାନ୍ତ ଧାରଣା, ଆରାମରେ ଉଠ କିଛି ଅସୁବିଧା ନାହିଁ।

ରାସ୍ତାରେ ଯିବା ସମୟରେ ରାମବାବୁ ସୋମେଶଙ୍କୁ ପଚାରିଲେ – ଭାଇ କେମିତି ଅଛ ?
ସୋମେଶ : ଫାଇନ୍ ।
ରାମବାବୁ: କି ଆଶ୍ଚର୍ଯ୍ୟ କଥା, ଦେହ କିପରି ଅଛି ପଚାରିଲେ ବି ତା ପାଇଁ 'ଜରିମନା'(ଫାଇନ୍)। କି ଯୁଗ ହେଲାରେ ଭାଇ !

## ମତାମତ

▸▸ ପିଲାମାନେ କିପରି ଗୁରୁଦିବସ ପାଳିବେ ସେ ସମ୍ପର୍କରେ ଜାଣିବାକୁ ପାଇଲି।

**–ରତ୍ନାକର ନାୟକ,** କୋରାପୁଟ


▸▸ ଜଣା ଅଜଣାରେ 'ଡଲ୍‌ଫିନ୍‌କୁ ଡରେ ସାର୍କ' ଏବଂ 'ଅଭିଶପ୍ତ ନଦୀ' ବିଷୟରେ କିଛି ତଥ୍ୟ ଜାଣିପାରିଲି।

**–ତୁଷାର ମହାପାତ୍ର,** ଯୋବ୍ରା,କଟକ

▸▸ 'ଆଇନା'ସ୍ତମ୍ଭରେ ହୃଦୟ ଏବଂ ସାନ୍‌ଭିଙ୍କ ଫଟୋ ବେଶ୍ ସୁନ୍ଦର ହୋଇଥିଲା।

**–ମଦନ ସାହୁ,** ନୟାଗଡ଼

## ରଙ୍ଗ ଦିଅ



# ଏକାଠି ଖାଆନ୍ତି ନାହିଁ

ଗୋଟିଏ ବିମାନରେ ଥିବା ଦୁଇ ପାଇଲଟ୍ ଏକାଠି ଖାଆନ୍ତି ନାହିଁ କିମ୍ବା ଏକା ପ୍ରକାରର ଖାଦ୍ୟ ବି ଖାଆନ୍ତି ନାହିଁ। ଶୁଣିଲେ ହୁଏତ ଆଶ୍ଚର୍ଯ୍ୟ ମନେ ହୋଇପାରେ। ମାତ୍ର ଏହି ନିୟମକୁ ତିଆରି କରିଛି ଫେଡେରାଲ୍ ଆଭିଏସନ୍ ଆଡମିନିଷ୍ଟ୍ରେସନ୍ (ଏଫ୍‌ଏଏ)। ଏହି ନିୟମ କରିବା ପଛର ମୁଖ୍ୟ କାରଣ ହେଉଛି ଯାତ୍ରୀମାନଙ୍କର ସୁରକ୍ଷା।

ଏହି ପଛରେ ତର୍କ ରହିଛି କି ଯଦି ଖାଦ୍ୟରେ କୌଣସି ପ୍ରକାରର ଖରାପ ଜିନିଷ ରହିଥାଏ ତେବେ ଏକ ସମୟରେ ଦୁଇ ପାଇଲଟ୍‌ଙ୍କୁ ଫୁଡ୍ ପଏଜନିଂର ଆଶଙ୍କା ରହିବ ନାହିଁ। ନିୟମ ଅନୁସାରେ ଦୁଇ ପାଇଲଟ୍ ମଧ୍ୟ ଏକାଠି ବସି ଭୋଜନ କରି ନଥାନ୍ତି। ଜଣେ ଖାଇବାର କିଛି ସମୟ ପରେ ହିଁ ଅନ୍ୟ ଜଣେ ଖାଦ୍ୟ ଗ୍ରହଣ କଲେ କୌଣସି ସମସ୍ୟା ଆସି ନଥାଏ। ପାଇଲଟ୍‌ମାନେ ଉଡାଣ କରିବା ପୂର୍ବରୁ କଞ୍ଚା ମାଛ ଭଳି କେତେକ ଖାଦ୍ୟ ଗ୍ରହଣ କରିବାର ଅନୁମତି ମଧ୍ୟ ନ ଥାଏ। ବିଭିନ୍ନ ଏୟାରଲାଇନ୍ସ ପକ୍ଷରୁ ପାଇଲଟ୍‌ମାନଙ୍କୁ ଫାଷ୍ଟ କାଟାଗୋରୀର ଭୋଜନ ଦିଆ ଯାଇଥାଏ ଏବଂ କୋ-ପାଇଲଟ୍‌ଙ୍କୁ ବିଜନେସ୍ କ୍ଲାସର ଭୋଜନ ଦିଆଯାଏ। ଏୟାରଲାଇନ୍ସ ପକ୍ଷରୁ ଏଭଳି ନିୟମ ଯାତ୍ରୀମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଥାଏ। ନଚେତ୍ ଏକ ସମୟରେ ଦୁଇ ପାଇଲଟ୍‌ଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଭୟଙ୍କର ସମସ୍ୟା ଆସିପାରେ। ଏହି ଦୃଷ୍ଟିରୁ ପାଇଲଟ୍‌ଙ୍କୁ ଅଲଗା ପ୍ରକାରର ଏବଂ ଅଲଗା ଅଲଗା ସମୟରେ ଭୋଜନ କରିବାର ଅନୁମତି ଥାଏ।



ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

ଗଣେଶ ପୂଜା ପାଇଁ ପିଲାଙ୍କ ମନରେ ଥାଏ ଅନେକ ଉତ୍ସାହ। ଏଥିପାଇଁ ସମସ୍ତଙ୍କର ପ୍ରସ୍ତୁତି ମଧ୍ୟ ଭିନ୍ନ ହୋଇଥାଏ। ତେବେ ଗଣେଷ ପୂଜା ସମ୍ପର୍କିତ ପିଲାଙ୍କର ଅନୁଭୂତିକୁ ନେଇ ଉପସ୍ଥାପନା...



# ଗଣେଶ ପୂଜା

ସ୍କୁଲରେ ଗଣେଶ ପୂଜା ପାଇଁ ପିଲାଙ୍କର ରହିଥାଏ ସ୍ୱତନ୍ତ୍ର ଆକର୍ଷଣ। ବିଦ୍ୟାଦାତା ପ୍ରଭୁ ଗଜାନନଙ୍କୁ ଭକ୍ତିର ସହ ପୂଜାର୍ଚ୍ଚନା କରିବା ପାଇଁ ପିଲାମାନେ କେତେକଣ ପ୍ରସ୍ତୁତି କରିଥାନ୍ତି। ଏଥିପାଇଁ ତ ପୂଜା ପ୍ରସ୍ତୁତିରେ ସକ୍ରିୟ ଭୂମିକା ନିଭାଇବାକୁ ସ୍ୱତଃପ୍ରବୃତ୍ତଭାବେ ଆଗେଇ ଆସନ୍ତି। ସ୍କୁଲରେ ମିଟିଂ ଆୟୋଜନ କରିବା ପରେ ସମସ୍ତଙ୍କୁ ଦାୟିତ୍ୱ ବାଣ୍ଟି ଦିଆଯାଏ। ଏହାପରେ ପିଲାମାନେ ଏକାଠି ହୋଇ ଘର ସଫା କରିବା, ସାଜସଜ୍ଜା କରିବା, ଫୁଲ ତୋଳିବା, ମୂର୍ତ୍ତି ଆଣିବା, ଭୋଗ ପ୍ରସ୍ତୁତ କରିବା ଏମିତି ଭିନ୍ନ ଭିନ୍ନ କାମ ପାଇଁ ବେଶ୍ କିଛି ଦିନ ଆଗରୁ ତତ୍ପର ହୋଇ ଉଠନ୍ତି। ଗଣେଶ ପୂଜାର ଏଭଳି କିଛି ନିଆରା ଅନୁଭବକୁ ନେଇ ପିଲାମାନେ ଯାହା କୁହନ୍ତି...

## ପତାକା ଲଗାଏ



ପୂଜା ପାଇଁ ଦୁଇ ତିନି ଦିନ ଆଗରୁ ଆମେ ଘର ସଫା କରି ସୁନ୍ଦରଭାବରେ ସଜାଇ ଥାଉ। ବିଭିନ୍ନ ରଙ୍ଗର ପତାକାରେ ସୁନ୍ଦର ଡିଜାଇନ୍ କରି ପତାକା ଲଗାଉ। ଅବଶ୍ୟ ବଡ କ୍ଲାସର ପିଲାମାନେ ବେଶି ଦାୟିତ୍ୱ ନିଅନ୍ତି, ହେଲେ ମୁଁ ସେମାନଙ୍କ ସହ ରହି ତାଙ୍କୁ ସବୁ କାମରେ ସାହାଯ୍ୟ କରେ। ଘର ସଜାଇବା ପାଇଁ ରଙ୍ଗିନ୍ କାଗଜ ଡିଜାଇନ୍‌ରେ କାଟିବା ଆଉ ତାକୁ କାନ୍ଥରେ ଝୁଲାଇବାକୁ ବହୁତ ଭଲ ଲାଗେ। ସମସ୍ତଙ୍କ ସହ ମିଶି ଏସବୁ କାମ କରେ। ତା ସହ ସିନିୟରମାନେ ଯାହା କରିବା ପାଇଁ କହନ୍ତି ସବୁ କରେ। ସେମାନଙ୍କୁ ସବୁ କାମରେ ସହଯୋଗ କରେ ବୋଲି ସେମାନେ ମତେ ସବୁବେଳେ ଖୋଜନ୍ତି। ଏସବୁ ପରେ ପୂଜା ଦିନ ନୂଆ ଡ୍ରେସ ପିନ୍ଧି ଠାକୁରଙ୍କ ପାଖରେ ଭୋଗ ଲଗାଇ ପୂଜା କରେ। ତାପରେ ବାବାଙ୍କ ସହ ସନ୍ଧ୍ୟାବେଳେ ଅନ୍ୟ ସବୁ ସ୍ଥାନରେ ପୂଜା ଦେଖିବାକୁ ଯାଏ।

**-ସୁମିତ୍ ଶେଖର,** କ୍ଲାସ୍-୩, ବାଲ୍ ସୈନିକ ସ୍କୁଲ, ଭୁବନେଶ୍ୱର

## ସ୍କୁଲରେ କାମ କରିବାକୁ ଭଲ ଲାଗେ



ପୂଜା ପାଇଁ ସ୍କୁଲରେ କାମ କରିବାବେଳେ ଆମକୁ ସାର୍‌ମାନଙ୍କ ସହ ଅଧିକ ସମୟ କଟେଇବାର ସୁଯୋଗ ମିଳେ। ଏଥିପାଇଁ ମତେ ବହୁତ ଭଲ ଲାଗେ। କାହିଁକିନା ଏହି ସମୟରେ ସାର୍‌ମାନେ ଘର ଓ ଅନ୍ୟ ସବୁ ବିଷୟରେ ବି କଥା ହୁଅନ୍ତି। ସେମାନଙ୍କ ଆପଣାପଣକୁ ଅନୁଭବ କରି ବହୁତ ଭଲ ଲାଗେ। ଏଭଳି ଅବସରରେ ସାର୍‌ଙ୍କ ସହ ସମ୍ପର୍କ ନିବିଡ ହୋଇଥାଏ। ତା' ଛଡା ସାଙ୍ଗମାନଙ୍କ ସହିତ ଅଧିକ ସମୟ କଟେଇବାର ସୁଯୋଗ ମିଳେ। ସ୍କୁଲରେ ପୂଜା ପ୍ରସ୍ତୁତି ପାଇଁ ଆମେ ବେଶି ସମୟ ସ୍କୁଲରେ ରହିଲେ ଘରେ କେହି ଗାଳି କରନ୍ତି ନାହିଁ। ଆମେ ଘର ପାଖ ପିଲା ହିଁ ଏସବୁ କାମର ଦାୟିତ୍ୱ ନେଇଥାଉ। ତେଣୁ ଘର ସଫା ଠାରୁ ଆରମ୍ଭ କରି ମୂର୍ତ୍ତି ଆଣିବା ଫୁଲ ହାର ଆଣିବା ସବୁ କାମ ଗୁରୁଜୀଙ୍କ ପରାମର୍ଶରେ କରିଥାଉ।

**-ତ୍ରିପୁର ବିଜୟୀ ମହାନ୍ତି,** କ୍ଲାସ୍-୬, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସତ୍ୟ ବିହାର, ଭୁବନେଶ୍ୱର

## ସାଙ୍ଗମାନେ ଏକାଠି କରୁ



ଆଗରୁ ସରସ୍ୱତୀ ଶିଶୁ ମନ୍ଦିରରେ ପଢୁଥିଲି ବୋଲି ଗଣେଶ ପୂଜା ଆସିଲେ ବହୁତ କାମ କରୁଥିଲି, ଭଲ ଲାଗୁଥିଲା। ଏବେ ଦି ବର୍ଷ ହେଲାଣି ମୋର ସ୍କୁଲ ବଦଳି ଯାଇଛି। ଏଠି ପ୍ରାୟ କିଛି କରିବାକୁ ପଡୁନି, ସ୍କୁଲ ତରଫରୁ ସବୁ ବ୍ୟବସ୍ଥା କରାଯାଉଛି। କିନ୍ତୁ ଆଗରୁ ଆମେ ୭-୮ଜଣ ସାଙ୍ଗ ଏକାଠି ହୋଇ ବିଭିନ୍ନ ସ୍ଥାନରୁ ଫୁଲ ସଂଗ୍ରହ କରୁ। ଭୋରରୁ ଉଠି ଫୁଲ ତୋଳିବା ସହ ଆମ୍ବ ଡାଳ ଓ ଅନ୍ୟାନ୍ୟ ଜିନିଷ ଯୋଗାଡ କରୁ। ସମସ୍ତେ ସ୍କୁଲରେ ଆଗୁଆ ପହଞ୍ଚି ହାର ତିଆରି କରୁ। ବହୁତ ଖୁସି ଲାଗେ। ତା ଛଡା ପୂଜା ଦିନ ନୂଆ ଡ୍ରେସ ପିନ୍ଧି ଆମେ ସାଙ୍ଗମାନେ ପରସ୍ପର ଘରକୁ ବୁଲିବାକୁ ଯାଉ। ଏବେ କେବଳ ପୂଜା ସମୟରେ ଆମେ ସାଙ୍ଗମାନେ ଏକାଠି ହୋଇ ଭୋଗ ପ୍ରସ୍ତୁତି ଓ ଅନ୍ୟାନ୍ୟ କାମରେ ସାହାଯ୍ୟ କରୁଛୁ।

**- ଉତ୍କଳ ଦିପିକା ଦାସ୍,** କ୍ଲାସ୍-୯, ସରକାରୀ ବାଳିକା ବିଦ୍ୟାଳୟ, ୟୁନିଟ-୯, ଭୁବନେଶ୍ୱର

## ମେଢ ଦେଖିବାକୁ ଯାଏ



ପୂଜା ଦିନ ଆମର କ୍ଲାସ ବନ୍ଦ ରହେ। ସେଥିପାଇଁ ସବୁବେଳେ ମୋ ସାନ ଭାଇ ସହ ତା' ସ୍କୁଲକୁ ପୂଜା କରିବାକୁ ଯାଏ। ନୂଆ ଡ୍ରେସ ପିନ୍ଧି ନଡିଆ ଓ ପେନସିଲ୍ ନେଇ ତାଙ୍କ ସ୍କୁଲକୁ ଯାଏ। ତାଙ୍କ ସ୍କୁଲରେ ଭୋଜି ହେଉଥିଲେ ମୁଁ ବି ଚାନ୍ଦା ଦେଇ ସାମିଲ ହୁଏ। ସ୍କୁଲ ସାଙ୍ଗ ନ ଥିଲେ ବି ଆମ ଘର ପାଖର କେତେଜଣ ପିଲା ସେହି ସ୍କୁଲରେ ମୋ ସାଙ୍ଗ ଅଛନ୍ତି। ତେଣୁ ଆଦୌ ବୋର୍ ଲାଗେନି। ବରଂ ସେମାନଙ୍କ ସହ ପୂଜାରେ ନିଜକୁ ସାମିଲ୍ କରିବା ପରେ ବହୁତ ଭଲ ଲାଗେ। ତେଣୁ ପ୍ରତିବର୍ଷ ପୂଜାରେ ମୁଁ ତାଙ୍କ ସ୍କୁଲକୁ ଯାଏ, ସେଠି ସାର୍‌ମାନେ ବି ମତେ ପ୍ରାୟ ଜାଣିଛନ୍ତି ଓ ସେମାନେ ମତେ ବହୁତ୍ ଭଲପାନ୍ତି। ତେଣୁ ମତେ ଆଦୌ ସଙ୍କୋଚ ଅନୁଭବ ହୁଏନି । ବିଦ୍ୟାଦାତା ପ୍ରଭୁ ଗଜାନନଙ୍କୁ ପୁଷ୍ପାଞ୍ଜଳି ଦେଇ ଘରକୁ ଫେରେ। ତା'ପରେ ସନ୍ଧ୍ୟାରେ ବାବାଙ୍କ ସହିତ କଟକର ବିଭିନ୍ନ ସ୍ଥାନରେ ଗଣେଶ ପୂଜା ମେଢ ଦେଖିବାକୁ ଯାଉ।

**-ସ୍ୱସ୍ତିକ ଝା,** କ୍ଲାସ୍-୬, କେନ୍ଦ୍ରୀୟ ବିଦ୍ୟାଳୟ-୧, ଭୁବନେଶ୍ୱର

## ଏଥର ଶେଷ



ଗଣେଶ ପୂଜା ତ ପ୍ରାୟ ସବୁ ସ୍ଥାନରେ ହୁଏ। ହେଲେ ସ୍କୁଲରେ ପୂଜାର ମଜା ନିଆରା। ଏଠି ପୂଜାର ସବୁ ଦାୟିତ୍ୱ ଆମର। ଏଥିପାଇଁ ସାର୍‌ଙ୍କ ସହ ଆମେ କେତେଜଣ ପିଲା ମିଟିଂ କରି ପରସ୍ପର ମଧ୍ୟରେ ଦାୟିତ୍ୱ ବାଣ୍ଟି ନେଇଥାଉ। ଏବର୍ଷ ଦଶମ ଶ୍ରେଣୀ ହୋଇଥିବାରୁ ସ୍କୁଲରେ ଶେଷ ବର୍ଷ ପୂଜା କରିବି। ଆସନ୍ତା ବର୍ଷ କଥା ଭାବି ମନ ଦୁଃଖ ହେଉଛି। ତେବେ ଗଣେଶ ପୂଜା ଦିନ ପାଠପଢା ବନ୍ଦ ଥାଏ। ତେଣୁ ସ୍କୁଲ ପୂଜା ସରିବାପରେ ଆମେ ସାଙ୍ଗମାନେ ମିଶି ଅନ୍ୟ ସବୁ ସ୍ଥାନକୁ ପୂଜା ଦେଖିବାକୁ ଯିବୁ।

**-ଅଖିଳ ଆଶମାନ୍,** କ୍ଲାସ-୧୦, ରାଧାନାଥ ବିଦ୍ୟାପୀଠ, ଅରେଇ, ଗୋପ, ପୁରୀ



# କ ବି ତା

## ଘେନ ଆମ ପୂଜାଫୁଲ



ପାଠଦିଅ ଆମେ ହେବୁ ସୁନାପିଲା
ଅମଡ଼ାବାଟରେ ଯାଇ
ତୁମକୁ ପୂଜିବୁ ଅତି ଭକତିରେ
ଧୂପ ଦୀପ ଭୋଗ ଦେଇ।
ଭୋଦୁଅ ମାସର ଆଜିର ଦିନରେ
ତୁମରି ଜନମ ତିଥି
ତୁମ ଆଶିଷରୁ ଶାନ୍ତି ହରଷରେ
ଏ ଜୀବନ ଯାଉ ବିତି।
ତୁମେ ପାଅ ଭଲ ହାତେଦେବୁ ଲଡୁ
ଭଲ ବୁଦ୍ଧି ଜ୍ଞାନ ଦେବ
ଆମରି ଦୁଃଖରେ ବାଧା ବିପଦରେ
ଗଣନାଥ ସାହାହେବ ।
ପାଠଶାଳା ଘର ଦିଶୁଚି ସୁନ୍ଦର
ତୁମେ ତ ଆସିବ ବୋଲି
ତୁମ ଅରଚନା ପୂଜା କରିବାକୁ
ଭୋକ ବି ଯାଇଚୁ ଭୁଲି।
ଉମା ସୁତ ଦିଅ ଆଶିଷ କରୁଣା
ହେବୁ ଆମେ ପିଲା ଭଲ
ନଡ଼ିଆ ବାଡ଼େଇ ପୁଷ୍ପାଞ୍ଜଳି ଦେବୁ
ଘେନ ଆମ ପୂଜାଫୁଲ।

**– ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦

## ଗିରିଜା ନନ୍ଦନ

ଗିରିଜାନନ୍ଦନ ପ୍ରଭୁ ତୁମେ ଏକଦନ୍ତ,
ବିଘ୍ନେଶ୍ୱର ଗଣନାଥ ତୁମେ ଦୟାବନ୍ତ।
ମୂଷିକ ଉପରେ ବସି କର ହେ ଗମନ,
ଜ୍ଞାନାଲୋକ ଜାଳି କର ଅଜ୍ଞାନ ଦମନ।
ତୁମେ ପ୍ରଭୁ ପୂଜାପାଇ ଥାଅ ସବାଆଗେ,
ତୁମ ନାମ ସ୍ମରଣରେ ମହାଭାବ ଜାଗେ।
ଭକ୍ତ ପାଇଁ ଖୋଲି ଦିଅ ଦୟାର ଦରଜା,
ତୁମେ ଆମ ମହାରାଜା ଆମେ ତ ପରଜା।
ବିଦ୍ୟାର ଭଣ୍ଡାର ତୁମେ ପ୍ରଭୁ ଲମ୍ବୋଦର,
ଦୟା ବହି ମତେ ପ୍ରଭୁ ଜ୍ଞାନୀଟିଏ କର।

**– ଜୟନ୍ତ କୁମାର ମଲ୍ଲିକ୍**
ମୋ: ୯୪୩୭୮୬୫୭୨୭

## ଗଣେଶ ବନ୍ଦନା

ନମୋ ନମୋ ଗଣପତି ଗିରିଜାନନ୍ଦନ
ନମୋ ନମୋ ବକ୍ରତୁଣ୍ଡ ପ୍ରଭୁ ଗଜାନନ।
ନମୋ ନମୋ ଏକଦନ୍ତ ମୂଷିକ ବାହନ
ନମୋ ନମୋ ବିଦ୍ୟାଦାତା କରୁଛି ବନ୍ଦନ।
ଭାଦ୍ରବର ଶୁକ୍ଳପକ୍ଷ ଚତୁର୍ଥୀ ତିଥିରେ
ତୁମକୁ ପୂଜନ୍ତି ସର୍ବେ ବୈଦିକ ରୀତିରେ।
ସିଦ୍ଧି ବୁଦ୍ଧି ପ୍ରଦାୟକ ଆହେ ଗଣପତି
ଭକ୍ତର କଳୁଷ ନାଶି ଦିଅ ହେ ମୁକତି।
ଜ୍ଞାନର ଆଲୋକ ପ୍ରଭୁ ଦିଅ ବିଦ୍ୟାବର
ବକ୍ରତୁଣ୍ଡ ମହାକାୟ ଆଶୀର୍ବାଦ କର।
ମାଙ୍ଗଳିକ କାର୍ଯ୍ୟେ ତୁମେ ଅଗ୍ରେ ପୂଜାପାଅ
ଭକତର ମନସ୍କାମ ଅଚିରେ ପୂରାଅ।
ତୁମପାଦେ ପ୍ରଣିପାତ ଆହେ ଲମ୍ବୋଦର
ସଂସାରରୁ ଦୁଃଖ ଶୋକ ବ୍ୟାଧି ଦୂରକର।

**– ଶୁଭେନ୍ଦୁ ମହାପାତ୍ର**
ଚାଉଳିଆ, ମଙ୍ଗଳପୁର, ଯାଜପୁର
ମୋ: ୯୪୩୮୦୬୪୯୦୮


## ନୂଆଖାଇ ଜୁହାର

ଭାଦ୍ରବ ପଞ୍ଚମୀ ତିଥିରେ
ପର୍ବ ହୁଏ ପାଳନ
ନୂଆଖାଇ ତାର ନାଆଁଟି
ପରମ୍ପରା ମହାନ।
ପଶ୍ଚିମ ଓଡ଼ିଶା ହସଇ
ଏଇ ଶୁଭ ଦିନରେ
ନୂଆ ଚାଉଳରୁ ପ୍ରସ୍ତୁତ
ଖିରି ସବୁରି ଘରେ।
ମାଆ ସମଲେଇ ପୀଠରେ
ହୁଏ ନବାନ୍ନ ଭୋଗ
ମିଳିମିଶି ଭୋଗ ଖାଇବା
ଏକ ଅପୂର ଯୋଗ।
ଗୁରୁଜନ ପାଦେ ପ୍ରଣାମ
କରି ଆଶିଷ ନେବା
ଶରଧାରେ ଲଘୁଜନଙ୍କ
ମନ ତୋଷ କରିବା।
ହସ ଖୁସିର ଏ ପରବ
ଗଉରବ ଆମର
ହାତ ଯୋଡ଼ି ମାଟିମାଆକୁ
ନୂଆଖାଇ ଜୁହାର।

**– ଜଗଦୀଶ ସାହୁ**
ସଞ୍ଜପଡା, ହିନ୍ଦୋଳ, ଢେଙ୍କାନାଳ
ମୋ: ୯୦୭୮୧୮୫୬୧୬

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ଦାଢ଼ିରେ ୩,୫୦୦ ଟୁଥ୍‌ପିକ୍



ଲୋକେ ବେଳେବେଳେ ଅଜବ କାମ ସବୁ କରି ଲୋକଙ୍କୁ ତ ଆଶ୍ଚର୍ଯ୍ୟଚକିତ କରନ୍ତି ତା' ସହିତ ସେମାନେ ରେକର୍ଡ ବି କରିଥାନ୍ତି। କିଛି ଲୋକ ତ କେବଳ ରେକର୍ଡ କରିବା ନିଶାରେ ଅଜବ ଅଭ୍ୟାସ ସବୁ କରିଥାନ୍ତି। ଠିକ୍ ଏମିତି ଏକ କାମ କରିଛନ୍ତି ଆମେରିକାର ଜୋଏଲ୍ ଷ୍ଟ୍ରାସର। ସେ ତାଙ୍କ ଦାଢିରେ ସବୁଠୁ ଅଧିକ ପରିମାଣର ଟୁଥ୍‌ପିକ୍ ରଖି ବିଶ୍ୱ ରେକର୍ଡ କରିଛନ୍ତି। ଦାଢ଼ିରେ ଟୁଥ୍‌ପିକ୍ ସବୁ କିଭଳି ରଖିହେବ ଏକଥା ହୁଏତ ଶୁଣିବାକୁ ଅଜବ ମନେ ହୋଇପାରେ, ମାତ୍ର ଜୋଏଲ୍ ଏହି କାମକୁ କରି ଦେଖାଇଛନ୍ତି। ସେ ତାଙ୍କ ଦାଢ଼ିରେ ମୋଟ ୩,୫୦୦ଟି ଟୁଥ୍‌ପିକ୍ ଖଞ୍ଜି ରଖିବାକୁ ସକ୍ଷମ ହୋଇଛନ୍ତି। ସର୍ବାଧିକ ଟୁଥ୍‌ପିକ୍ ଦାଢ଼ିରେ ରଖି ପାରିଥିବାରୁ ଏବେ ସେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛନ୍ତି। ଟୁଥ୍‌ପିକ୍ ସବୁକୁ ଏଭଳି ଢଙ୍ଗରେ ଖଞ୍ଜି ପାରୁଛନ୍ତି ଯେ ତାଙ୍କର ଦାଢ଼ି ଅଛି ବୋଲି ଆଦୌ ଜାଣି ହେବନି। ପ୍ରଥମେ ଖିଆଲି ଢଙ୍ଗରେ ସେ ଏହି କାମ କରୁଥିଲେ, କିନ୍ତୁ ଏବେ ଏହି କାମ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇପାରିଛି।

## ଏଥରର

- ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ କେଉଁ ଦେଶ ପ୍ରଥମେ ମିଳିତ ଶକ୍ତି ଆଗରେ ଆତ୍ମସମର୍ପଣ କରିଥିଲା ?
- ବର୍ଲିନ୍ ୱାଲ୍ କେଉଁଠାରେ ଅବସ୍ଥିତ ?
- କେଉଁ ମସିହାରେ ଇଣ୍ଡୋନେସିଆ ଗଣହତ୍ୟା ଘଟିଥିଲା ?
- ଆମେରିକା କେଉଁ ମସିହାରେ ଜାପାନର ହିରୋସୀମା ଉପରେ ଆକ୍ରମଣ କରିଥିଲା ?
- ଉତ୍ତର କୋରିଆ ଓ ଦକ୍ଷିଣ କୋରିଆ ମଧ୍ୟରେ ପ୍ରଥମେ ଯୁଦ୍ଧ କେବେ ଆରମ୍ଭ ହୋଇଥିଲା ଓ କେବେ ଶେଷ ହୋଇଥିଲା ?

## ଗତଥରର ଉତ୍ତର

- କାନାଡା
- କପଡ଼ା
- ମିଳିତଶକ୍ତି ବ୍ରିଟେନ୍ , ଫ୍ରାନ୍ସ ଓ ଆମେରିକା
- ୧୯୩୯ରୁ ୧୯୪୫ ମସିହା ମଧ୍ୟରେ
- ଭ୍ଲାଡିମିର ଲେନିନ୍

## କହିଲ ଦେଖି



ପୁଣ୍ୟ ଭାଦ୍ର ମାସ ଶୁକ୍ଳ ଚତୁର୍ଥୀରେ
ଏ ପବିତ୍ର ପୂଜା ପଡ଼ଇ,
ତାଙ୍କ ପଦ ପୂଜି ତାଙ୍କ ନାମ ହେଜି
ଭକ୍ତ ବିଦ୍ୟା ଧନ ଲୋଡ଼ଇ।
କିସ ପୂଜା କୁହ ଇଏ,
ବିଦ୍ୟାଳୟ ମହାବିଦ୍ୟାଳୟ ପିଲା
ଭକ୍ତି ପୁଷ୍ପାଞ୍ଜଳି ଦିଏ ।

**ଉତ୍ତର – ଗଣେଶ ପୂଜା**



କୁହ ଛାତ୍ରୀଛାତ୍ର କିଏ ?
ଅଗ୍ରପୂଜ୍ୟଙ୍କର ବାହନ ଭାବରେ
ତାଙ୍କ ପାଶେ ପୂଜା ପାଏ ।
ଦିନେ ମୁହିଁ ଯମ ଥିଲି,
ମୋର ଦେବତାଙ୍କ ଅଭିଶାପ ପାଇ
ଛୋଟ ଜୀବଟିଏ ହେଲି ।

**ଉତ୍ତର – ମୂଷା/ମୂଷିକ**



ଲମ୍ବୋଦର ସିଏ ଗଜ ବଦନ
ପାର୍ବତୀ ଶଙ୍କର ଗେହ୍ଲା ନନ୍ଦନ ।
ଭକ୍ତିରେ ଯାଚିଲେ ଫୁଲ ଚନ୍ଦନ,
ବିଦ୍ୟା ପ୍ରାପ୍ତେ ହୁଏ ବିଘ୍ନ ନାଶନ ।
କୁହ ଏ ଠାକୁର କିଏ ?
ନାନା ଅନୁଷ୍ଠାନେ ଏ ଭାଦ୍ରବ ମାସେ
ପୂଜା ପାଇଥାନ୍ତି ଯିଏ ।

**ଉତ୍ତର –ଗଣନାଥ /ଗଣେଶ**



ଗଡୁରେ ଗଡୁ,
ପୂଜା ଦିନ କିଆଁ ମୁହଁଟା ଝାଡୁ !
ଖାଇବୁ ଯଦି ତୁ ଆ'
ତେଲ ମଞ୍ଜିରେ ଏ ମିଠା ହୋଇଅଛି
ଗଣେଶଙ୍କୁ ଦେଇ ଖା'
କିସ ଏ ମିଠା ?
ପୂର ଦିଆ ହୁଏ ମଣ୍ଡା, ଗଇଁଠା ।

**ଉତ୍ତର– ରାଶିଲଡୁ**

– କବିଜ୍ୟୋତି ନିରଞ୍ଜନ ପତି
ଗାନ୍ଧୀ ମାର୍ଗ, ଅନୁଗୋଳ
ମୋ: ୯୯୩୮୧୩୩୫୫୯



# ଉଚ୍ଚତମ ଲିଫ୍ଟ

ଆଜିକାଲି ସୁଉଚ୍ଚ ଅଟ୍ଟାଳିକା ହେଉ ଅବା ଅଫିସ, ମଲ୍ ଆଦିରେ ଆତଯାତ ପାଇଁ ଲିଫ୍ଟ ବ୍ୟବହୃତ ହେଉଛି। କିନ୍ତୁ ଗୋଟିଏ ଲିଫ୍ଟରେ କ'ଣ ୧୦୦୦ ଫୁଟ ପର୍ଯ୍ୟନ୍ତ ଯାଇ ହେବ? ଏହା ନିଶ୍ଚୟ ଆଶ୍ଚର୍ଯ୍ୟ ଲାଗିପାରେ। ହେଲେ କଥାଟି ସତ। ଏଭଳି ଏକ ଲିଫ୍ଟ ଚାଇନାରେ ରହିଛି। ଏହା ଏକ ଆଉଟ୍ ଡୋର ଲିଫ୍ଟ। ଏହି ଲିଫ୍ଟଟି ଚାଇନାର ଝାଙ୍ଗଜିୟାଜି ନ୍ୟାଶନାଲ ଫରେଷ୍ଟ ପାର୍କରେ ସଂଯୋଗ କରାଯାଇଛି। ଏହି ଲିଫ୍ଟର ନାମ ବାଇଲଙ୍ଗ, ଯାହାର ଅର୍ଥ ଶହେ ଡ୍ରାଗନ୍ ଲିଫ୍ଟ। ଏହି ଲିଫ୍ଟଟ ଭୂଇଁରୁ ପାହାଡ଼ର ଉପରିଭାଗ ପର୍ଯ୍ୟନ୍ତ ଅଛି। ଲିଫ୍ଟଟିକୁ ତିଆରି କରିବାକୁ ପ୍ରାୟ ତିନିବର୍ଷ ସମୟ ଲାଗିଥିଲା। ଯଦି ଏହି ଲିଫ୍ଟର ସହାୟତା ନ ନିଆଯାଏ, ତେବେ ପାହାଡ଼ର ଶୀର୍ଷ ଦେଶରେ ପହଞ୍ଚିବାକୁ ପ୍ରାୟ ଅଢ଼େଇରୁ ତିନିଘଣ୍ଟା ସମୟ ଲାଗିବ। ଉକ୍ତ ଲିଫ୍ଟ ପର୍ଯ୍ୟଟକମାନଙ୍କ ପାଇଁ କୌତୁହଳପୂର୍ଣ୍ଣ ହୋଇଥାଏ। ଏହି ଲିଫ୍ଟଟିକୁ ବିଶ୍ୱର ଉଚ୍ଚତମ ଲିଫ୍ଟ ଭାବରେ ଗଣନା କରାଯାଉଛି।



# ହାତୀ ବି କଥାହୁଏ

ପୃଥିବୀରେ ଅନେକ ପ୍ରକାର ଜୀବଜନ୍ତୁ ରୁହନ୍ତି। କିନ୍ତୁ ହାତୀ ସବୁଠାରୁ ଅଧିକ ଓଜନ ଓ ବଳବାନ୍ ପ୍ରାଣୀ। ପିଲାଏ ଜାଣିଛ କି ମନୁଷ୍ୟଙ୍କ ପରି ହାତୀମାନେ ମଧ୍ୟ ପରସ୍ପର ଭିତରେ କଥାବାର୍ତ୍ତା ହୁଅନ୍ତି। ହାତୀ ଏପରି ଏକ ପ୍ରାଣୀ, ଯିଏକି ନିଜ ସାଥୀମାନଙ୍କ ମଧ୍ୟରେ ନିଜର ଭାବର ଆଦାନ ପ୍ରଦାନ କରିଥାନ୍ତି। ହାତୀଙ୍କ ଉପରେ ହୋଇଥିବା ଏକ ସଦ୍ୟ ଗବେଷଣାରୁ ଏହା ଜଣାପଡ଼ିଛି। ସେମାନେ ନିଜ ପିଲାମାନଙ୍କର ନାମକରଣ ମଧ୍ୟ କରିଥାଆନ୍ତି। ଏପରିକି ତାଙ୍କର ସାଥୀ କିମ୍ବା ଛୁଆମାନଙ୍କୁ ଡାକିବା ପାଇଁ ସେମାନେ ଭିନ୍ନ ଭିନ୍ନ ସ୍ୱର ପ୍ରୟୋଗ କରିଥାଆନ୍ତି। ବିଶେଷଭାବରେ ହାତୀ ମୁଖ୍ୟତଃ ତିନୋଟି ଭାଷା ବ୍ୟହାର କରିଥାନ୍ତି। ପ୍ରଥମଟି ହେଲା-କୌଣସି ସାଥୀ ଯଦି ହଜିଯାଇଥିଲେ, ଦ୍ୱିତୀୟରେ କାହାକୁ ସ୍ୱାଗତ କରିବାର ଥିଲେ ଏବଂ ତୃତୀୟଟି ହେଲା- ପିଲାଙ୍କ ଦେଖାଶୁଣା କରିବା ଲାଗି।

# କେତେ ସମୟ ଶୁଏ ଜିରାଫ

ଜିରାଫ ଏକ ଅଦ୍ଭୁତ ଜୀବ। ଏହାର ଶାରୀରିକ ଗଠନ ଭିନ୍ନ ଧରଣର। ଉକ୍ତ ବିଶାଳ ପ୍ରାଣୀର ବେକ ବହୁତ ଲମ୍ବା। ଏହି ପ୍ରାଣୀ ଏବେ ଆଫ୍ରିକାରେ ଅଧିକ ଦେଖିବାକୁ ମିଳନ୍ତି। ଉଚ୍ଚତା ପାଇଁ ଏମାନେ ବେଶ୍ ପରିଚିତ। ଗୋଟିଏ ଜିରାଫର ଉଚ୍ଚତା ପ୍ରାୟ ୧୪ରୁ ୧୯ଫୁଟ୍ ପର୍ଯ୍ୟନ୍ତ ହୋଇଥାଏ। ଏମାନେ କେତେ ସମୟ ଶୁଅନ୍ତି ଜାଣନ୍ତି? ଦିନରାତି ୨୪ ଘଣ୍ଟା ଭିତରେ ଗୋଟିଏ ଜିରାଫ ମାତ୍ର ଅଧଘଣ୍ଟା ଶୋଇଥାଏ। ଅବଶିଷ୍ଟ ସମୟ ସେମାନେ ଚେଇଁ ରୁହନ୍ତି। ଏମାନେ ନିଜକୁ ଶତ୍ରୁ କବଳରୁ ରକ୍ଷା କରିବା ପାଇଁ ଅଳ୍ପ ସମୟ ଶୁଅନ୍ତି। ସେମାନଙ୍କର ବେକ ଏତେ ଲମ୍ବା ଯେ ଭୂଇଁକୁ ସ୍ପର୍ଶ କରି ପାରିନଥାଏ। ରୋମ୍‌ରେ ଜିରାଫକୁ 'କ୍ୟାମେଲ ଲିଓପାର୍ଡ' କୁହାଯାଏ। ଉକ୍ତ ପ୍ରାଣୀ ଠିଆ ହୋଇ ଶୁଅନ୍ତି। ତାଙ୍କର ଶିଙ୍ଗକୁ ଓସିକନ୍ କୁହାଯାଏ। ସେମାନଙ୍କ ଗୋଡ଼ର ଲମ୍ବ ମଣିଷର ଉଚ୍ଚତା ସହିତ ସମାନ। ତାଙ୍କର ଜିଭ ବହୁତ ଲମ୍ବା ହୋଇଥାଏ।



# ଅଳ୍ପାୟୁଷ କୀଟ

ମାତ୍ର ଅଳ୍ପ ସମୟ ଜୀବନକାଳ ବିତାଉଥିବା କେତେକ କୀଟ ସମ୍ପର୍କରେ...

**ଅଣ୍ଡିରା ଏନୋଫିଲିଶ ମଶା :** ଅଣ୍ଡିରା ଏନୋଫିଲିଶ୍ ମଶା କେଇ ଘଣ୍ଟା ପାଇଁ ଜୀବିତ ରହିଥାନ୍ତି। ଏହି ମଶାମାନେ ବୟସ୍କ ହେବାମାତ୍ରେ ସାଥି ଖୋଜିଥାନ୍ତି ଏବଂ ପ୍ରଜନନ ପରେ ହିଁ ଏମାନେ ମୃତ୍ୟୁ ବରଣ କରନ୍ତି। ଅଣ୍ଡିରା ଏନୋଫିଲିଶ୍ ତୁଳନାରେ ମାଇ ଏନୋଫିଲିସ୍ ମଶାଙ୍କ ଆୟୁ ଟିକେ ଅଧିକ।

**ମେ ଫ୍ଲାଏ :** ଏମାନଙ୍କ ଜୀବନ କାଳ ବହୁତ କମ୍ ସମୟ ପାଇଁ ହୋଇଥାଏ। ଏହି କୀଟ ଅତି ବେଶୀରେ ଗୋଟିଏ ଦିନ ପର୍ଯ୍ୟନ୍ତ ବଞ୍ଚିପାରନ୍ତି।



ଏମାନେ ପ୍ରଜନନ ସମୟରେ ହିଁ ମୃତ୍ୟୁ ବରଣ କରିଥାନ୍ତି। ଉକ୍ତ କୀଟ ଅଧିକ ପରିମାଣରେ ପାଣିରେ ଦେଖିବାକୁ ମିଳନ୍ତି।


**ଏଣ୍ଟୋମେରିଆ :** ଏମାନେ ଏଭଳି ଏକ ପୋକ, ଯେଉଁମାନେ ବୟସ୍କ ହେବା ସହିତ ୩- ୫ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରୁହନ୍ତି। ଏମାନଙ୍କ ଶରୀର ଅଧିକାଂଶ ଭାଗ ଲାର୍ଭା ରୂପରେ ହୋଇଥାଏ।

**ଗଲ ମେଜ୍ :** ଏହା ଏପରି ଏକ ପୋକ ଯାହାର ଜୀବନକାଳ ମଧ୍ୟ ମାତ୍ର କେଇଘଣ୍ଟା ପାଇଁ ହୋଇଥାଏ। ଏହି ପୋକ ସାଧାରଣତଃ ଗଛରେ ଘର କରନ୍ତି ଏବଂ ସେମାନେ ସେହିଠାରେ ନିଜର ଛୁଆ ଜନ୍ମ କରନ୍ତି। ଏମାନେ ମଧ୍ୟ ଛୁଆ ଜନ୍ମ କରିବା ପରେ ମୃତ୍ୟୁ ବରଣ କରନ୍ତି।

**ସିଲ୍କ ମଥ :** କେତେକ ପ୍ରଜାତିର ସିଲ୍କ ମଥ ୨୪ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରୁହନ୍ତି। ଏହି କୀଟର ମୁହଁ ନାହିଁ ତେଣୁ ଏମାନେ ଖାଦ୍ୟ ଖାଇପାରନ୍ତି ନାହିଁ। ଏମାନେ କେବଳ ଅଣ୍ଡା ଦେଇଥାଆନ୍ତି ଏବଂ ସେଥିରୁ ଛୁଆ ଜନ୍ମ ନିଅନ୍ତି।

**ଷ୍ଟେନୋଫିଜିଆ :** ଏହା ଏକ ପ୍ରକାର ପାଣି ପୋକ। ଏମାନଙ୍କର ଜୀବନକାଳ ମାତ୍ର କିଛି ଘଣ୍ଟା ପାଇଁ ହୋଇଥାଏ। ଜନ୍ମ ହେବାର କେଇଘଣ୍ଟା ପରେ ଏମାନେ ମୃତ୍ୟୁ ବରଣ କରନ୍ତି।

# ଆଇନା



ପ୍ରକୃତି ସିଂ
୧୦ ବର୍ଷ/ମୟୂରଭଞ୍ଜ



ଆରାଧ୍ୟା ରଣା
୯ ବର୍ଷ/ବାଲେଶ୍ୱର